# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

ରାସ ପୂର୍ଣ୍ଣିମା ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୧୧-୨୧-୧୦ ସମୟ -୦୭:୦୦-୧୧:୩୫ (ET) / ୧୨:୦୦-୧୬:୩୫ (GMT) ୧୭:୩୦-୨୨:୦୫ (IST) ପାଳିଆ - ବ୍ରଜ ଭାଇ

***Phone Number – (218) 936-1100, Access Code: 62719#, Backup Number – (218) 936-1200, Access code: 52924878***

| Time (ET) | ପ୍ରଥମ ଅଧିବେଶନ (ସକାଳ ୭:୦୦ ରୁ ୮:୩୮) | First session (7:00am - 8:38am) |
|---|---|---|
| 7:00 – 7:30 | ଜାଗରଣ (କେବେ ଆସିବ) ସ୍ମିତା ବାଇ ମା’ | Jaagarana (Kebe Aasiba) Smita Bai Maa |
| | ଆବାହନ (ମନ ନିଧୁବନ ଝୁରେ) ଜ୍ଞାନ ଭାଇ | Aabaahana (Mana Nidhubana) Gyan Bhai |
| | ଆବାହନ (ସଖୀ ଲୋ ଥରେ) ବୃନ୍ଦାବନ ଭାଇ | Aabaahana (Sakhee Lo Thare) Brundaban Bhai |
| 7:30 – 7:45 | ଆରତି ବ୍ରଜ ଭାଇ | Aarati Braja Bhai |
| 7:45 – 8:00 | ବନ୍ଦନା (ବନ୍ଦେ ଶ୍ରୀଗୁରୁ) ବୃନ୍ଦାବନ ଭାଇ | Bandanaa (Bande Shreeguru) Brundaban Bhai |
| 8:00 – 8:10 | ସ୍ତୋତ୍ର ବନ୍ଦନା ଜ୍ଞାନ ଭାଇ | Stotra Bandanaa Gyan Bhai |
| 8:10 – 8:20 | ପରିଚୟ ପତ୍ର, ସମ୍ମିଳନୀ ପ୍ରାର୍ଥନା ଓ ଆସନ ମନ୍ଦିର ନିର୍ମାଣ ପାଇଁ ପ୍ରାର୍ଥନା ଜ୍ଞାନ ଭାଇ | Parichaya Patra, Sammilani & Aasana Mandira Praarthanaa Gyan Bhai |
| 8:20 – 8:30 | ନିରାଜନା ୫୪ ବିଶ୍ୱଜିତ୍ ଭାଇ | Niraajanaa 54 Biswajit Bhai |
| 8:30 – 8:31 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଲୋକ ୪୫) ପ୍ରଭାକର ଭାଇ | Shri Shri GuruGeeta (Verse 45) Prabhakar Bhai |
| 8:31 – 8:35 | ଉପଦେଶ (ନବ ବର୍ଷରେ) ବିଶ୍ୱରଞ୍ଜନ ଭାଇ | Upadesha (Naba Barshare) Biswaranjan Bhai |
| 8:35 – 8:36 | ପରପୂଜା ନିମନ୍ତ୍ରଣ ବ୍ରଜ ଭାଇ | Invitation for the next session Braja Bhai |
| 8:36 – 8:38 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru Naama Kirtana and Closing of Aasana |

| Time (ET) | ଦ୍ୱିତୀୟ ଅଧିବେଶନ (ସକାଳ ୯:୧୫ - ୧୧:୩୫) | Second session (9:15am – 11:35pm) |
|---|---|---|
| 9:15 – 9:30 | ଆବାହନ (କାହାର ବଇଁଶି) ଶିବାନୀ ମ· ମା’ | Aabaahana (Kaaahara Bainshi) Sibani M. Maa |
| | ଆବାହନ (ଭାବ ରାଇଜର) ସୁଧାଂଶୁବାଳା ମା’ | Aabaahana (Bhaaba Raaijara) Sudhansubala Maa |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | Pranaama Gaana and Opening of the Curtain |
| 9:32 – 9:40 | ସଂଗୀତ (ଆହା କି ସୁନ୍ଦର) ଜ୍ଞାନ ଭାଇ | Song (Aahaa Ki Sundara) Gyan Bhai |
| 9:40 – 10:10 | ତତ୍ତ୍ୱମାଳା (ରାସ ଯାତ୍ରା - ବଙ୍ଗଳା) ବ୍ରଜ ଭାଇ | Tatwa Maalaa (Raaso Jatra - Bengali) Braja Bhai |
| 10:10 –10:17 | ସଂଗୀତ (ମଧୁରେ ମଧୁରେ ମୁରଲୀ) ଲୀନା ମା’ | Song (Madhure Madhure Muralee) Leena Maa |
| 10:17 – 10:30 | ଭାଗବତ (୧୦ ସ୍କନ୍ଧ, ୩୪ ଅଧ୍ୟାୟ) ବିଭୂତି ଭାଇ | Bhaagabata (Vol. 10, Chapter 34) Bibhuti Bhai |
| 10:30 – 10:37 | ସଂଗୀତ (ଏଇ ବାଂଶୋରୀବାଲା) ବୃନ୍ଦାବନ ଭାଇ | Song (Ei Baansoreebaalaa) Brundaban Bhai |
| 10:37 – 10:42 | ରାସ ଲୀଳା – YA Reading ଜ୍ଞାନ ଭାଇ | Raasa Leela – YA Reading Gyan Bhai |
| 10:42 – 10:50 | ସଂଗୀତ (ସେ ନାମେ କି ଯାଦୁ) ଶ୍ରେୟା | Song (Se Naame Ki Jaadu) Shreya |
| 10:50 –11:18 | ଭାବ ବିନିମୟ ଗୁଡ୍ଡି ଓ ବ୍ରଜ ଭାଇ | Bhaaba Binimaya Guddi & Braja Bhai |
| 11:18 –11:19 | ଆସନ୍ତା ରାସ ପୂର୍ଣ୍ଣିମା ପୂଜା ପାଇଁ ନିମନ୍ତ୍ରଣ ଜ୍ଞାନ ଭାଇ | Invitation for next Raasa Puja Gyan Bhai |
| 11:19 –11:20 | Y.A. session ପୂଜା ପାଇଁ ନିମନ୍ତ୍ରଣ ଆଲୋକ୍ | Invitation for next YA session Alok |
| 11:20 –11:22 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୧୧-୨୮-୧୦) ସ୍ମିତା ରା· ମା’ | Invitation for next puja (11-28-10) Smita Ray Maa |
| 11:22 –11:24 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ଗୁଡ୍ଡି ଓ ବ୍ରଜ ଭାଇ | Begging for forgiveness Guddi & Braja Bhai |
| 11:24 –11:30 | ବିଦାୟ ପ୍ରାର୍ଥନା (ବିଦାୟ ବେଳାରେ) ସ୍ମିତା ବାଇ ମା’ | Last Song (Bidaaya Belaare) Smita Bai Maa |
| 11:30 –11:32 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru Naama Kirtana and Closing of Aasana |
| 11:32 –11:35 | ସଂଘସେବୀଙ୍କର ଉପସ୍ଥାନ ଜ୍ଞାନ ଭାଇ | Attendance Gyan Bhai |

## କେବେ ଆସିବ ମୋ କୁଞ୍ଜ ଦୁଆରେ

କେବେ ଆସିବ ମୋ କୁଞ୍ଜ ଦୁଆରେ
ଭାଗ୍ୟେ ସତେ ମୋର ଆସିବ ସେଦିନ
ଭେଟିବି ମୁଁ ପ୍ରିୟତମରେ ।ଠ।
ଗାଉଥିବ ଗୀତ ମଧୁର ତାନରେ
ଦୋଳୁଥିବ ପୁଷ୍ପ ଅଳି ଗୁଞ୍ଜନରେ
ମନ୍ଦ ସମୀରଣ ମଳୟ ସୁରଭି
ଆଣି ଭେଟୁଥିବ ପୟରେ ।୧।
ଅଳତା ବଳିରେ ଚାରୁ ଚନ୍ଦ୍ରମୁଖ
ହରୁଥିବ କୋଟି ବ୍ରହ୍ମାଣ୍ଡର ଦୁଃଖ
ଟୋପି ଟୋପି ହୋଇ ଗୋରଚନାବିନ୍ଦୁ
ଶୋଭୁଥିବ ଭାଲ ପଟରେ ।୨।
ହୋଇଥିବ ଠିଆ ତ୍ରିଭଙ୍ଗ ଠାଣିରେ
ଲୋଟୁଥିବ ପୀତବାସ ଧରଣୀରେ
ରଙ୍ଗିମା ଅଧରେ ମୋହନ ମୁରଲୀ
ବାଉଥିବ କେତେ ଛନ୍ଦରେ ।୩।
ଧୋଇଦେବି ପାଦ ସୁବାସିତ ନୀରେ
ପୋଛିବି ଯତନେ ଘନ କୁନ୍ତଳରେ
ନବ ପଲ୍ଲବିତ କୁସୁମେ ସଜାଇ
ବସାଇବି ପ୍ରେମ ବେଦୀରେ ।୪।
କର୍ପୂର ଅଗୁରୁ ଲେପିବି ଶ୍ରୀଅଙ୍ଗେ
ଚରଣ ସେବିବି ସଖୀଗଣ ସଙ୍ଗେ
ପ୍ରଣୟ ଗୀତିକା ଗାଇ ସୁମଧୁରେ
ତୋଷିବି ପରାଣ ବନ୍ଧୁରେ ।୫।
ମନ ଆନନ୍ଦରେ ସର୍ବ ସଖୀ ମିଳି
ନାଚିବୁ ଉଲ୍ଲାସେ ଚଉପାଶେ ଘେରି
ମିଳନ ମାଧୁରୀ ହେରି ମନଭରି
ଭୁଲିବୁ ବିରହ ବ୍ୟଥାରେ ।୬।

## ଏଇ ବାଂଶୋରୀବାଲା

ଏଇ ବାଂଶୋରୀବାଲା ମୋତେ ବାଉଳା କଲା
ତା ସୁର ମଧୁରେ ମତି ଭିଜାଇ ଦେଲା ।ଠ।

ଏଇ ଜଣକ ମୋର
ଚିତ୍ତ ଚୋରା ନାଗର
ତାହାରି ଲାଗି ଖାଲି
ନିଦ ସପନ ଭୁଲି
ଦିବସ ରଜନୀ ମୋର ସମାନ ହେଲା ।୧।

ସେ ଦିନ ସଂଜବେଳେ
ପ୍ରେମ ଯମୁନା କୂଳେ
ବୁକୁରେ ବୁକୁ ଥାପି
ଜୀବନ ଦେଲି ବିକି
ସୋହାଗ ସାଗରେ ମୋତେ ହଜାଇ ଦେଲା ।୨।

ଏ ଗୁଣମଣି ମୋତେ
ବାନ୍ଧି ରଖିଲା ଚିତ୍ତେ
କୋଟି ସରଗ ସୁଖ
ଦେଲା ଏ ପଦ୍ମମୁଖ
ଜୀବନ ଜଂଜାଳ ସବୁ ଛଡାଇ ନେଲା ।୩।

## ମନ ନିଧୁବନ ଝୁରେ

ମନ ନିଧୁବନ ଝୁରେ ତୁମ ଲୀଳା ତୁମ ରୂପ
ଗୋକୁଳ ଚନ୍ଦ୍ରମା ବାରେ ଆସ
ତୁମ ବିନେ ତୁମ ପ୍ରୀତି ଆହେ ପ୍ରଭୁ ଶିରିପତି
ଦିଏ ନିତି ଦାରୁଣ ପରାଶ ।ଠ।
ଜୀବନର କେଳି କୁଞ୍ଜେ ମାଧବୀକା ଫୁଟିଲାଣି
ମିଳନ ଲଗନ ସ୍ମରି ମଧୁବାସ ଛୁଟିଲାଣି
ବାସି ହୁଏ ଅଭିସାର ପଲଙ୍କ ସୁପାତି ମୋର
ଆଉ ଏବେ ନ କର ନିରାଶ ।୧।
ଛଳଛଳ ଏ ନୟନ ଯମୁନାର ନୀରଧାରେ
ତୁମ ପ୍ରୀତି ପିଆସି ଏ ଚିତ୍ତ ମୋର ନିତି ଝୁରେ
ଛାତି ତଳେ କେତେ ତାତି ସହିଲିଣି ଦିନ ରାତି
ସୁରସ ନାଗର ବାରେ ଆସ ।୨।
ମରମର ମଧୁପୁରେ ଜୀବନ ଦିପାଳୀ ମୋର
ଜଳି ଜଳି ଅବଶେଷେ ଲିଭିବାକି ହେବ ସାର
ଏକା ଏକା ରଖି ମୋତେ କି ସୁଖ ପାଉଛ ସତେ
ଥରେ ହେଲେ ଆସି ପଦେ ଭାଷ ।୩।

## କାହାର ବଇଁଶି ବାଜୁଛି ସଖୀରେ

କାହାର ବଇଁଶି ବାଜୁଛି ସଖୀରେ ଶୁଣ ଶୁଣ ଡେରି କାନ
ରାଧା ରାଧା ବୋଲି ଡାକୁଛି ଅଧୀରେ ଭାଙ୍ଗୁଛି ମୋ ଦମ୍ଭ ଟାଣ ।ଠ।
ଏଇତ ଶୁଭୁଛି ଯମୁନା କୂଳ ରେ
ବିରହ ରାଗିଣୀ ଧରି
ଏଇତ ଭରୁଛି ହୃଦୟେ ମୋହର
ବେଦନା ବିଧୁର ବାରି
ପାରୁନାହିଁ ଆଉ ସହିରେ ସଙ୍ଗୀତ
ଉଚ୍ଛୁର ନ ମାନେ ମନ ।୧।
ଆସ ଆସ ବୋଲି ଡାକୁଛିରେ ସହି
କୁଞ୍ଜକୁଟୀରେ ରହି
କେତେ ଲାଜ କଥା କହରେ ସଜନୀ
କେମିତି ପାରବି ସହି ?
ପ୍ରାଣ ସଖା ନିଜେ ଡାକୁଛନ୍ତି ମୋତେ
ଛି ମୋର ପୋଡା ଜୀବନ ।୨।
ପର କରି ଘର ପ୍ରିୟ ପାଶେ ଯିବି
ଯିବି ମୁଁ କୁଞ୍ଜେ ବହନ
ମାନିବି ନାହିଁ ମୁଁ ବାରଣ ବନ୍ଧନ
ଜାତି କୂଳ ଅଭିମାନ
ଇହ-ପର କାଳ ସେହି ମୋ ଶରଣ
ଶ୍ରୀଗୁରୁ ଚାରୁ ଚରଣ ।୩।

## ସଖୀ ଲୋ ଥରେ ଚାହାଁ

ସଖୀ ଲୋ ଥରେ ଚାହାଁ
ଥରେ ଚାହାଁ ନିରେଖି
ଭକ୍ତ ଚିତ୍ତ-ଚୋର ଚିନ୍ତାମଣିଙ୍କି
କୋଟି ରବି ଶଶୀ ପ୍ରଭା ବିସ୍ତାରିଛି
ଆହା କି ସୁନ୍ଦର କମ ଠାଣିକି ।ଠ।
କନ୍ଦର୍ପର ଦର୍ପ ହରା ଲୋ ସଜନୀ
କେବେ ତା ନଜର ପଡିଲେ ଥରେ
ରମ୍ଭା ପତ୍ର ପ୍ରାୟ ଥରିବ ଶରୀର
ପରାଣ ମନ ଉଠିବ ପୁଲକି ।୧।
ନୟନରୁ ନୀର ଝରୁଥାଏ ଯା'ର
ଝୁରି ଝୁରି ସେହି ରୂପ ମାଧୁରୀ
ସେ ଏକା ବାନ୍ଧିବ ପୀରତି ଡୋରିରେ
ପୀରତି ରସିଆ ବେଣୁପାଣିକି ।୨।
ଆସ ଗୋ ସଜନୀ ଅର୍ଘ୍ୟଥାଳି ଘେନି
ବନ୍ଦିବା ଶ୍ରୀଗୁରୁ ଚରଣ ବେନି
ଅନ୍ତର ଦେବତା ଗୁରୁ ଭାବେ ଉଭା
(ଆଜି) ସରାଗେ ପୂଜିବା ଗୁଣମଣିକି ।୩।
ଏଇ ପରା ସେଇ ଭାବ ବିନୋଦିଆ
ଭକତ ବାଛନ୍ତି ଭାବ ପରଖି
(ତାଙ୍କ) ମଧୁର ବଚନ ଜିଣେ ବେଣୁସ୍ୱନ
ଶରଧାରେ ଶୁଣ ସୁଧାବାଣୀକି ।୪।

## ସେ ନାମେ କି ଯାଦୁ ଅଛି କହକହ ରେ ସଖୀ

ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ
ଶୁଣି ପଲକ ପାଶୋରି ବସିଲା ଆଖି
ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ ।ଠ।
ଅଦିନ ବରଷା ସରି ଝରିଲା ନୟନବାରି
ତନୁ ବଲ୍ଲରୀ ସହସା ଉଠିଲା କଂପି ।୧।
ନ ଚଳିଲା ସଖୀ ପାଦ ଏତେବଡ ପରମାଦ
ପୁଣି ଶୁଣିବାକୁ କାନ ରହିଲା ଟାକି ।୨।
ପୁଲକ ଆଗେ ସେ ମନ କାହିଁ ହୋଇଲା ମଗନ
ଜାଣି ନପାରିଲି ଚେତା ନାହିଁ ଅଛିକି ।୩।
ଆଜନମ କେତେ ନାମ ଶୁଣି ନଥିଲା ଏ କାନ
ଏସନ ରୀତିକା ନାମେ ନଥିଲି ଚାଖି ।୪।
ଅପୂର୍ବ ସେ ନାମ ରସ ଯେ ଜାଣେ ସେ ହୁଏ ବଶ
ଲଭେ ମୁକତି ପରଶ ଜନମ ଦୁଃଖୀ ।୫।
ସଜନୀ କହୁଛି ଶୁଣ ନାମ ରୂପ କୋଟିଗୁଣ
ବିକି ହୋଇଯିବୁ ଥରେ ପଡିଲେ ଆଖି ।୬।

## ଭାବ ରାଇଜର ଭାବର ଠାକୁର

ଭାବ ରାଇଜର ଭାବର ଠାକୁର କୁଞ୍ଜେ ମୋ ଆସିବ ବୋଲି
ମନ ମନ୍ଦିରର ଦୁଆର ଫିଟାଇ ବସିଛି ଜାଗର ଜାଳି ।୦।
ଆସି ଯେବେ ଉଭା ହେବ ମନ୍ଦିରରେ
ପାଦ ପଖାଳିବି ଆଖିର ଲୁହରେ
ପଦୁଅଁ ପାଦକୁ ହୃଦରେ ଧରିବି ମନରେ ଶରଧା କରି ।୧।
ହୃଦ ସିଂହାସନେ ବସାଇଣ ଦେବି
ନବ ବସନରେ ଶ୍ରୀଅଙ୍ଗ ମଣ୍ଡିବି
କାମନା ବାସନା ପଦେ ସମର୍ପିବି, ମନର ଦିପାଳୀ ଜାଳି ।୨।
ମମତା ଚନ୍ଦନେ ଲଗାଇବି ଟୀକା
ଜନମ ଜନମ ସାଥୀ ତୁମେ ଏକା
ମନ ଫୁଲ ହାର ଚରଣେ ଅର୍ପିବି, ଅହମିକା ଚୂର୍ଣ୍ଣ କରି ।୩।
ପୂଜା ନଇବେଦ୍ୟ କି ଅବା ମୁଁ ଦେବି
କେଉଁ ଆଲୋକରେ ଆରତି କରିବି
ଦେଖିବି ମୂରତି ନୟନ ପୂରାଇ ଜୟଗୁରୁ ଜୟ କରି ।୪।

## ମଧୁରେ ମଧୁରେ ମୂରଲୀ ବାଜିଲା

ମଧୁରେ ମଧୁରେ ମୂରଲୀ ବାଜିଲା
ଅପୂର୍ବ ଲଗନ ଉଠିଲା ବିକଶି
ପଞ୍ଚମ ରାଗିଣୀ ତାନେ କୋକିଳ ଗାଇଲା ।୦।
କୁଞ୍ଜେ କୁଞ୍ଜେ ତରୁଡାଳେ ବିହଗର କୂଜନ
ବାସଫୁଲ ମହକରେ ମଧୁପର ଗୁଞ୍ଜନ
ଶୀତଳ ସମୀର ବହେ ଧୀର ଧୀର
ଗୋବିନ୍ଦ ପଦ ବନ୍ଦନା କଲେ ବ୍ରଜବାଳା ।୧।
କୃଷ୍ଣଙ୍କୁ ସୁବେଶ କରି ଗୋପବାଳୀ
ଚରଣ ପୂଜିଲେ ଦେଇ ହୁଳହୁଳି
ଧୂପଦୀପ ଗନ୍ଧ ଅରପିଲେ ନୈବେଦ୍ୟ
ବନମାଳୀ ଗଳେ ଦେଲେ ବନ ଫୁଲମାଳା ।୨।
ଶ୍ରୀଅଙ୍ଗେ ଲେପିଲେ ଭକତି ତିଳକ
ଯା ଯୋଗେ ସୀମନ୍ତ ଦିଶେ ଜକ ଜକ
ଗୋପାଙ୍ଗନା ପ୍ରାଣେ ଭରିଲା ପୁଲକ
ପ୍ରେମ ମନ୍ଦାକିନୀ ଧାର ପ୍ରଖର ହୋଇଲା ।୩।
ତାରାଗଣ ମଧ୍ୟେ ଯେହ୍ନେ ଶଶଧର
ଗୋପୀଙ୍କ ଗହଣେ ଶ୍ୟାମ ନଟବର
ଅପରୂପ ଶୋଭା ମୁନିଜନ ଲୋଭା
ମଦନ ମୋହନ ରୂପ ଜଗତ ମୋହିଲା ।୪।

## ଆହା କି ସୁନ୍ଦର ରୂପ ମନୋହର

ଆହା କି ସୁନ୍ଦର ରୂପ ମନୋହର ମଣି ମରକତ ଝରେ
ନ ଦେଖିଲା ଆଖି ଖୋଜି ବୁଲେ ତାକୁ, ଦେଖିଲା ନୟନ ଝୁରେ ।୦।
ମଦନ ମୋହନ ବଦନ ଦେଖି ନ ରହିବ କାହା ନୟନ ଲାଖି ?
ପାଷାଣ ପରାଣ ତରଳି ପଡେ ତା ପ୍ରୀତି ବୋଳା ଚାହାଣୀରେ ।୧।
ରୂପ ଲାଗି ଯେବେ ଏତେ ଆକୁଳତା ବିରହ ଜାଗଇ ମନେ
କେତେ ପୁଲକିତ ନହେବ ପରାଣ ଅପରୂପ ଦରଶନେ !
ଭାବମୟ ତା'ର କମ ମୂରତି ଜାଣିହୁଏ ନାହିଁ, ଟାଣେ ତା' କତି
କିଏ ସେ କଳିବ ସେ ଲାବଣ୍ୟ ଠାଣି ଅନୁଭବ ଯା'ରେ ହାରେ ।୨।
ତାହାରି ପାଇଁ ତ ରାଧା ଝୁରି ମଲା ଯମୁନା ରହିଛି ସାକ୍ଷୀ
ଲାଜ ଡର ସବୁ ଭୁଲି ଯାଇ ତାକୁ ଛାତିରେ ଧରିଲା ଜାକି
ବଇଁଶୀ କହିଲା ଶୁଣ ଗୋ ରାଇ ତୁମେ ମୋ ପାଇଁ, ମୁଁ ତୁମ ପାଇଁ
ଗହନ ମନର ଦହନ ନାଶିବା ପ୍ରୀତି ରତି ସୁଖ ସାରେ ।୩।
ତା' ପ୍ରେମ ପାଶରେ ବାନ୍ଧି ହେଲେ ଥରେ ସେ ବନ୍ଧନ ଫିଟେ ନାହିଁ
ଅଧୀର ମନର ମଧୁର ଗଣ୍ଠି ସେ ପ୍ରେମ ଦିଆ ନିଆ ପାଇଁ
ମିଠା ମିଠା ଲାଗେ ମୂରତି ଯା'ର ଆହୁରି ମଧୁର ପୀରତି ତା'ର
ଭାବ ନଉକାରେ ବସି ପଡିଲେ ସେ ଭବ-ନଈ ପାର କରେ ।୪।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।
ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।
ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।
ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।
ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।
ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।
ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।
ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।
ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।
ସକଳ ତୃଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।